# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 June - 2024**

**News Editor : *Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ଲୋକସଭା ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ପୂର୍ବତନ ବାଚସ୍ପତି ଓମ୍ ବିର୍ଲା; ଇଣ୍ଡିଆ ମେଣ୍ଟ ପକ୍ଷରୁ କେ. ସୁରେଶଙ୍କୁ କରାଯାଇଛି ପ୍ରାର୍ଥୀ
- ଯୋଜନା ଓ ସଂଯୋଜନା ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

— ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବା ଲାଗି ଦେଲେ ପରାମର୍ଶ

- ରାଜ୍ୟରେ ସୁଭଦ୍ରା ଯୋଜନା ୩ ମାସ ମଧ୍ୟରେ ଲାଗୁ ହେବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତା ରଥଯାତ୍ରା ଦିନ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରହିବ ନବଯୌବନ ଦର୍ଶନ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ସୂଚନା

# ବାଚସ୍ପତି ନିର୍ବାଚନ

ଲୋକସଭା ବାଚସ୍ପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ଭାବେ ପୂର୍ବତନ ବାଚସ୍ପତି ଓମ୍ ବିର୍ଲା ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ, ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ଭାବେ ବାଚସ୍ପତି ପଦ ପାଇଁ କେ.ସୁରେଶ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆସନ୍ତାକାଲି ଅଷ୍ଟାଦଶ ଲୋକସଭାର ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ।

ସୂଚନା ଅନୁସାରେ, ଗତକାଲି ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କିଛି ସାଂସଦଙ୍କୁ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଶପଥପାଠ କରାଇଥିଲେ। ଦ୍ୱିତୀୟ ଦିନରେ ଆଜି ଅବଶିଷ୍ଟ ସାଂସଦ ଶପଥପାଠ କରିଛନ୍ତି। ଆସନ୍ତା ୨୭ ତାରିଖରେ ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବ। ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଗୁରୁବାର ଦିନ ସମ୍ବୋଧନ କରିବେ। ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସମୀକ୍ଷା ବୈଠକ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯୋଜନା ଓ ସଂଯୋଜନା ବିଭାଗର କାର୍ଯ୍ୟ ସମୀକ୍ଷା କରି ଏକ ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନସାଧାରଣଙ୍କ ଅନେକ ଆଶା ଆକାଂକ୍ଷା ଅଛି ବୋଲି ସେ ମତ ଦେଇଛନ୍ତି। ରାଜ୍ୟ ଯୋଜନା ବଜେଟ୍‌ରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଯୋଜନାଗୁଡ଼ିକ ଯେପରି ତୃଣମୂଳସ୍ତରରେ ଠିକ୍ ଭାବରେ ପହଞ୍ଚିବ ଓ ଲୋକ ଏହାର ସୁଫଳ ପାଇବେ ତାହା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ ଏହି ପାଣ୍ଠି ସହାୟତାରେ ଖଣି ଅଂଚଳରେ ଥିବା ଜିଲ୍ଲାଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଂକଳ୍ପ ପତ୍ରର ସବୁ ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବା ସ୍ୱରୂପ ଓଡ଼ିଶା ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ୍ ପ୍ରସ୍ତୁତ କରି ପ୍ରସ୍ତାବ ଦେବାକୁ ଶ୍ରୀ ମାଝୀ କହିଛନ୍ତି। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଯୋଜନା ଓ ସଂଯୋଜନା ବିଭାଗର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗୀୟ କାର୍ଯ୍ୟାବଳୀ ସମ୍ବନ୍ଧରେ ଅବଗତ କରାଇଥିଲେ।

## ସୁଭଦ୍ରା ଯୋଜନା

ରାଜ୍ୟରେ ଆରମ୍ଭ ହେବାକୁ ଥିବା ସୁଭଦ୍ରା ଯୋଜନାର ରୂପରେଖ ବର୍ତ୍ତମାନ ପ୍ରସ୍ତୁତ ହେଉଛି। ଏହି ଯୋଜନାରୁ କେଉଁ ହିତାଧିକାରୀ ବାଦ୍ ପଡିବେ ଏବେଠାରୁ କହିବା ଠିକ୍ ନୁହେଁ ବୋଲି ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** କହିଛନ୍ତି। ତେବେ ଯୋଜନାର ରୂପରେଖ ପ୍ରସ୍ତୁତ ହେବା ପରେ ରାଜ୍ୟ ସରକାର ଏହାକୁ ଗଣମାଧ୍ୟମରେ ପ୍ରକାଶ କରିବେ। ତେଣୁ ଏତେ ପୂର୍ବରୁ ଲୋକମାନଙ୍କୁ ଭ୍ରମିତ ନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅପିଲ କରିଛନ୍ତି। ତେବେ ୧୦୦ ଦିନ ମଧ୍ୟରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ଅର୍ଥ ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ଆଜି କହିଛନ୍ତି।

## ସମୀକ୍ଷା ବୈଠକ-କନକ ବର୍ଦ୍ଧନ ସିଂଦେଓ

ଭୁବନେଶ୍ୱରସ୍ଥିତ କୃଷିଭବନରେ ଉପମୁଖ୍ୟମନ୍ତ୍ରୀ **କନକ ବର୍ଦ୍ଧନ ସିଂଦେଓ**ଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ପିଏମ୍-କିଷାନ ଯୋଜନା ଜାରି ରହିବା ସହିତ ଏଥିରୁ ବାଦ୍ ପଡିଥିବା ଚାଷୀଙ୍କୁ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କେନ୍ଦ୍ର କୃଷିମନ୍ତ୍ରୀଙ୍କ ପାଖରେ ରାଜ୍ୟ କୃଷି ଯୋଜନା ସମ୍ପର୍କରେ ଆସନ୍ତା ୩ ତାରିଖ ଦିନ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରାଯିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

## ସମୀକ୍ଷା-ରବି ନାଏକ

ସମ୍ବଲପୁର ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଅପରାଧ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପାନୀୟ ଜଳ ସମସ୍ୟା  ବିଷୟରେ ମନ୍ତ୍ରୀ ଶ୍ରୀ ନାଏକ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ବୃଦ୍ଧି ପାଇଥିବା ଅପରାଧ ସମ୍ପର୍କରେ ମନ୍ତ୍ରୀ, ଏସ୍‌ପି ଏବଂ ଆଇଜିଙ୍କ ସହିତ ଆଲୋଚନା କରିବା ପରେ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରରେ ବଢୁଥିବା ଜଣ୍ଡିସ୍ ରୋଗର ନିରାକରଣ ପାଇଁ ସମସ୍ତ ଜଳଯୋଗାଣ ପାଇପ୍‌ଗୁଡ଼ିକୁ ବଦଳାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପସ୍ଥିତ ଜଙ୍ଗଲ, ଅବକାରୀ, ଜାତୀୟ ରାଜପଥ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହାନଗର ନିଗମ

ଅଧିକାରୀମାନଙ୍କ ସହ ମନ୍ତ୍ରୀ ଶ୍ରୀ ନାଏକ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ବିଏମ୍‌ସିକୁ ନୋଟିସ୍

ଭୁବନେଶ୍ୱରରେ ଖୋଲା ଡ୍ରେନ୍‌ରେ ପଡି ଶିଶୁ ମୃତ୍ୟୁ ଘଟଣାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ୍ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବାକୁ ବିଭାଗ ପକ୍ଷରୁ କେଉଁ ସବୁ ପଦକ୍ଷେପ ନିଆଯିବା ଆବଶ୍ୟକ ତାହା ଜଣାଇବାକୁ କମିଶନ କହିଛନ୍ତି। ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା, ଡ୍ରେନ୍ କଡରେ ପାଚେରୀ, ବାଡ ନିର୍ମାଣ ସହିତ ସୂଚନା ବୋର୍ଡ ଲଗାଇବାକୁ କମିଶନ୍ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଭୁବନେଶ୍ୱରସ୍ଥିତ ମସ୍‌ଜିଦ୍ କଲୋନୀ ନିକଟରେ ଥିବା ଖୋଲା ଡ୍ରେନ୍‌ରେ ପଡି ଜଣେ ଶିଶୁ ପ୍ରାଣ ହରାଇଥିଲେ।

ସେହିପରି ଡିପ୍‌ଥେରିଆ ପ୍ରସଙ୍ଗରେ ମଧ୍ୟ କମିଶନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ସମେତ ଜିଲ୍ଲା ପ୍ରଶାସନଗୁଡ଼ିକୁ ସ୍ପଷ୍ଟୀକରଣ ମାଗିଛନ୍ତି।

## ରଥଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତା ମାସ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ଦିନ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ନୀତି ଏକ ସଙ୍ଗେ ପଡୁଥିବାରୁ ଶ୍ରଦ୍ଧାଳୁଙ୍କ ପାଇଁ ନବଯୌବନ ଦର୍ଶନ ବନ୍ଦ କରାଯାଇଛି। ଏହି ଦିନ ଶ୍ରୀଜୀଉଙ୍କ ଅନେକ ନୀତିକାନ୍ତି ରହିଥିବା ଦୃଷ୍ଟିରୁ ଚଳିତବର୍ଷ ଶ୍ରଦ୍ଧାଳୁଙ୍କ

ପାଇଁ ନବଯୌବନ ଦର୍ଶନ ଏବଂ ପହଣ୍ଡି ଟିକଟ ଦର୍ଶନକୁ ବନ୍ଦ କରାଯାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ସ୍ୱାସ୍ଥ୍ୟମନ୍ତ୍ରୀ-ଏସ୍‌ସିବି ଗସ୍ତ

ସ୍ୱାସ୍ଥ୍ୟମନ୍ତ୍ରୀ **ମୁକେଶ ମହାଲିଙ୍ଗ** ଆଜି କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲ୍ ପରିଦର୍ଶନରେ ଆସି ମେଡିକାଲର ସମସ୍ତ ବିଭାଗ ବୁଲି ଦେଖିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ରୋଗୀମାନଙ୍କ ସହିତ ଆଲୋଚନା କରିଥିବା ଦେଖିବାକୁ ମିଳିଥିଲା । ଏସ୍‌ସିବି ଅଧିକ୍ଷକ ଓ ବରିଷ୍ଠ ଡାକ୍ତରମାନଙ୍କ ସହିତ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଡାକ୍ତର ଓ ରୋଗୀମାନଙ୍କ ମଧ୍ୟରେ ଯେପରି ଭଲ ସମ୍ପର୍କ ରହିବ ତା' ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଡାକ୍ତରମାନେ ରୋଗୀମାନଙ୍କୁ ଯେପରି ଭଲ ବ୍ୟବହାର କରିବେ ସେ ନେଇ ଅଧିକ ଯତ୍ନବାନ୍ ହେବାପାଇଁ ମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ଏକ ସ୍ୱତନ୍ତ୍ର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବେ ବୋଲି ସେ କହିଥିଲେ । ଏସ୍‌ସିବିରେ ଡାକ୍ତର ଅଭାବ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ସହିତ ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଉପରେ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଥିଲେ । କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡିରେ ଡିପ୍‌ଥେରିଆ ରୋଗ ନିୟନ୍ତ୍ରଣାଧୀନ ରହିଛି ବୋଲି ଶ୍ରୀ ମହାଲିଙ୍ଗ କହିଥିଲେ । ଏହାସହ ସମ୍ବଲପୁରରେ ଜଣ୍ଡିସ୍ ବ୍ୟାପିବା ଉପରେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ସେ ସୂଚନା ଦେଇଥିଲେ ।

## ଷ୍ଟିଲ୍ ପ୍ଲାଣ୍ଟ ଦୁର୍ଘଟଣା-ମନ୍ତ୍ରୀ ଗସ୍ତ

ଢେଙ୍କାନାଳସ୍ଥିତ **ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟ** ଦୁର୍ଘଟଣାରେ ଆହତ ଚିକିତ୍ସାଧିନ ୨ ଶ୍ରମିକଙ୍କୁ ଆଜି କଟକସ୍ଥିତ ଅଶ୍ୱିନୀ ହସ୍‌ପିଟାଲରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭେଟିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଡାକ୍ତର ଏବଂ ହସ୍‌ପିଟାଲ୍ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଉତ୍ତମ ସେବା ଯୋଗାଇବାକୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି।

## ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବା ସହିତ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୨୫ଟି ଜିଲ୍ଲା, କଟକ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଗଞ୍ଜାମ, ରାୟଗଡ଼ା, ବଲାଙ୍ଗିର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡ଼ି, ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସେହି ଅଂଚଳରେ ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ସତର୍କ ସୂଚନା ଜାରି କରାଯାଇଛି ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି ସୂଚନା ଦେଇଛନ୍ତି।